# ଉଦ୍‌ଯାପିତ ହେଲା ୪୬ ତମ ରାଜ୍ୟ ସ୍ତରୀୟ ବିଜ୍ଞାନ,ଗଣିତ ଓ ପରିବେଶ ପ୍ରଦର୍ଶନୀ -

## ୩୬ଟି ପ୍ରକଳ୍ପ କଲିକତା ପୂର୍ବ ଭାରତୀୟ ବିଜ୍ଞାନ ପ୍ରଦର୍ଶନୀ ପାଇଁ ମନୋନୀତ ।

ଅନୁଗୋଳ,ତା.୨୩.୧୨:- ୩ ଦିନ ବ୍ୟାପି ରାଜ୍ୟ ସ୍ତରୀୟ ବିଜ୍ଞାନ,ଗଣିତ ଓ ପରିବେଶ ପ୍ରଦର୍ଶନୀ ଆଜି ସନ୍ଧ୍ୟାରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପରିସରରେ ଉଦଯାପିତ ହୋଇଯାଇଛି । ଅନୁଗୋଳ ବିଧାୟକ ତଥା ଓଡିଶା ବିଧାନସଭାର ଉପ ବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂ ଏହି ପ୍ରଦର୍ଶୀରେ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ବିଜ୍ଞାନ ପ୍ରତି ପିଲାମାନଂକ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ହେଉଛି ଶିକ୍ଷକମାନଂକର ପ୍ରମୁଖ ଦାୟିତ୍ୱ । ବିଦ୍ୟାଳୟରେ ପାଠପଢାଇବା ସମୟରେ ନିୟମିତ ବିଜ୍ଞାନ ସମ୍ପର୍କରେ ପିଲାମାନଂକୁ ଶିକ୍ଷା ପ୍ରଦାନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ବିଜ୍ଞାନର ଉପାଦେୟତା ସମ୍ପର୍କରେ ପିଲାମାନଂକୁ ଏକ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଶିକ୍ଷକ,ଶିକ୍ଷୟିତ୍ରୀ ଓ ବିଶେଷଜ୍ଞମାନଂକୁ ନେଇ ଆଲୋଚନା ଚକ୍ର ଆୟୋଜନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପାଠପଢା ସହ ପିଲାମାନଂକୁ ସାଧାରଣ ଜ୍ଞାନ ସମ୍ପର୍କରେ ଶିକ୍ଷାଦାନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏହି ପ୍ରଦର୍ଶନୀରେ ଅନ୍ୟତମ ବରେଣ୍ୟ ଅତିଥି ଭାବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାସ ଯୋଗ ଦେଇ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଂକ ଉତ୍ସାହ,ଉଦ୍ଦିପନା ଓ ଆଗ୍ରହକୁ ପ୍ରଶଂସା କରିଥିଲେ । କିନ୍ତୁ ପ୍ରକଳ୍ପ ପ୍ରସ୍ତୁତି ସମ୍ପର୍କରେ ଅଧିକାଂଶ ପିଲା ଆବଶ୍ୟକ ଜ୍ଞାନ ଆହରଣ କରିବା ଉପରେ ସେ ଗୁରୁତ୍ୱ ଦେବା ସହ ଶିକ୍ଷକ ଶିକ୍ଷୟିତ୍ରୀମାନେ ଦାୟିତ୍ୱର ସହ ପିଲାମାନଂକୁ ବିଜ୍ଞାନର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଜ୍ଞାନ ପ୍ରଦାନ କରି ସେମାନଂକର ଦକ୍ଷତା ବଢାଇବାକୁ ପରାମର୍ଶ ଦେଇଥିଲେ । ଶିକ୍ଷକ ଶିକ୍ଷୟିତ୍ରୀମାନଂକ ମଧ୍ୟରେ ଅନେକ ପାରଦର୍ଶିତା ରହିଛି । ମହାଭାରତରେ କର୍ଣ୍ଣ କିପରି କାନରୁ ଜନ୍ମ ନେଇଥିବା ବିଷୟରେ ପିଲାମାନେ କେବେ ତାଂକର ଶିକ୍ଷକମାନଂକୁ ପ୍ରଶ୍ନ ପଚାରିଛନ୍ତି ବୋଲି ମନ୍ତ୍ରୀ ପିଲାମାନଂକୁ ପ୍ରଶ୍ନ କରିବା ସହ ପ୍ରଶ୍ନ ପଚାରିବାର ଉଦ୍ରେକ ହେଉଛି ବିଜ୍ଞାନ ବୋଲି ସେ ମତବ୍ୟକ୍ତ କରିଥିଲେ । ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନର ଉପଲବଧ ପ୍ରୟୋଗାତ୍ମକ ଦିଗ ଓ ଜାଣିବାର ଜିଜ୍ଞାସା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଆମେ ସମସ୍ତେ ସମ୍ମିଳିତ ଭାବେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ପରିବର୍ତ୍ତନ କରିବାକୁ ମନ୍ତ୍ରୀ ଆହ୍ୱାନ କରିଥିଲେ । ଶିକ୍ଷା ବ୍ୟବସ୍ଥାରେ ସମସ୍ତ ପ୍ରକାର ଆନୁସଂଗିକ ସୁବିଧା ଉପଲବଧ କରାଇବା ନିମନ୍ତେ ସରକାର ଆସନ୍ତା ବର୍ଷ ଠାରୁ ପ୍ରତି ଜିଲ୍ଲାରେ ୩ଟି ଲେଖାଏଁ ବିଦ୍ୟାଳୟକୁ School of Excellency ଭାବେ ଘୋଷଣା କରିବେ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରାଂକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା ଯୋଗ ଦେଇ ବିଜ୍ଞାନର ଅଗ୍ରଗତିରେ କୃଷିର ଉନ୍ନତି ହୋଇ ଅଧିକ ଫସଲ ଅମଳ ହେବା ଉପରେ ଗୁରୁତ୍ୱାରୋପ କରିବା ସହ ତୁଳସି ଓ ଅଶୋକ୍ତ ବୃକ୍ଷର ଉପାଦେୟତା ସମ୍ପର୍କରେ ଆଲେକପାତ କରିଥିଲେ । ଆଠମଲ୍ଲିକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଶିଷ୍ଟ ବୈଜ୍ଞାନିକ ନିଉଟନଂକ ଭଳି ନିଜର ପ୍ରକଳ୍ପ ମାଧ୍ୟମରେ ପାରଦର୍ଶିତା ଦେଖାଇବାକୁ ପିଲାମାନଂକୁ ଉତ୍ସାହିତ କରିବା ସହ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ସମେତ ଜିଲ୍ଲାର ଅନ୍ୟାନ୍ୟ ବିଦ୍ୟାଳୟ ଗୁଡିକର ଭିତ୍ତିଭୂମୀ ବିକାଶ ନିମନ୍ତେ ମନ୍ତ୍ରୀଂକର ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟତମ ଅତିଥି ଭାବେ ଶ୍ରୀ ତପନ କୁମାର ଶତପଥି ଯୋଗ ଦେଇ ବିଜ୍ଞାନ ଅତିତକୁ ପଛରେ ପକାଇ ଆଗାମୀ କାଲି ପାଇଁ ସମ୍ଭାବନା ସୃଷ୍ଟି କରିଥାଏ ବୋଲି ପ୍ରକାଶ କରିଥିଲେ । ଆମର ଦୈନନ୍ଦିନ ଜୀବନରେ ବିଜ୍ଞାନର ପ୍ରଭାବ ରହିଛି । ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଶିଷ୍ଟ ବୈଜ୍ଞାନିକ ଅବଦୁଲ କାଲାମଂକ ଆଦର୍ଶକୁ ଅନୁସରଣ କରି

ପିଲାମାନଂକୁ ବିଜ୍ଞାନ ଶିକ୍ଷା ପ୍ରଦାନ ଉପରେ ପରାମର୍ଶ ଦେଇଥିଲେ । ଦିଲ୍ଲୀ ଏନ୍ ସି ଇ ଆର ଟିର ପ୍ରଫେସର ଦିନେଶ କୁମାର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରତ୍ୟେକ ବର୍ଷ ୨.୪ ଲକ୍ଷ ପିଲା ଏହିଭଳି ପ୍ରଦର୍ଶନୀରେ ଭାଗ ନେଇ ସେମାନଂକର ପ୍ରତିଭା ପ୍ରତିପାଦିତ କରିପାରୁଛନ୍ତି । ଯଦି ପିଲାମାନେ କିଛି ଭଲ କାର୍ଯ୍ୟ କରୁଛନ୍ତି ସେମାନଂକୁ ଉତ୍ସାହିତ କରିବା ସହ ଲକ୍ଷ ସ୍ଥଳରେ ପହଂଚିବା ପାଇଁ ସେମାନଂକୁ ପ୍ରବର୍ତ୍ତାଇବାକୁ ସେ ଶିକ୍ଷକ ଶିକ୍ଷୟିତ୍ରୀମାନଂକୁ ପରାମର୍ଶ ଦେଇଥିଲେ । ପ୍ରଦର୍ଶନୀରେ ଭାଗ ନେଇଥିବା ପିଲାମାନେ ନିଜ ନିଜ ଆଂଚଳିକ ଭାଷାରେ ପ୍ରକଳ୍ପର ଉଦ୍ଦେଶ୍ୟତା ସମ୍ପର୍କରେ ଅନ୍ୟମାନଂକୁ ଅବଗତ କରିବାକୁ ସେ ଗାଇଡ୍ ଶିକ୍ଷକମାନଂକୁ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ପିଲାମାନଂକର ସୃଜନଶୀଳ ଶକ୍ତି ବୃଦ୍ଧି ପାଇବ ଓ ଇଣ୍ଟରନେଟ୍ ଗୁଗୁଲକୁ ଅନୁସରଣ ନ କରି ନିଜର ଦକ୍ଷତା ବଢାଇବା ଉପରେ ପିଲାମାନେ ବିଶେଷ ଧ୍ୟାନ ଦେଇ ପରିବେ ବୋଲି ସେ ମତବ୍ୟକ୍ତ କରିଥିଲେ । AIIMS ର ଡାକ୍ତର ଦିଲିପ କୁମାର ମୁଦୁଲି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଶିକ୍ଷକମାନେ ଉଦ୍ଭାବନ ଓ ଉଦ୍ଭାବକଂକ ସମ୍ପର୍କରେ ପିଲାମାନଂକୁ ପ୍ରଶ୍ନ ପଚାରି ସେମାନଂକ ମଧ୍ୟରେ ଥିବା ବିଜ୍ଞାନର ଜ୍ଞାନକୁ ପରିପ୍ରକାଶ କରିବାକୁ ପ୍ରବର୍ତ୍ତାଇବା ସହ ଡାକ୍ତରୀ ବିଦ୍ୟା ଓ ବିଜ୍ଞାନ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଉପ-ନିର୍ଦ୍ଦେଶିକା ଡା. ନିବେଦିତା ନାୟକ ଏହି ପ୍ରଦର୍ଶନୀର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ୩୦ଟି ଜିଲ୍ଲାରୁ ୧୮୦ ଜଣଂକ ମଧ୍ୟରୁ ୧୭୮ ଜଣ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ଏଥିରୁ ୩୬ ପ୍ରକଳ୍ପକୁ କଲିକତା ପୂର୍ବ ଭାରତୀୟ ବିଜ୍ଞାନ ପ୍ରଦର୍ଶନୀ ପାଇଁ ମନୋନୀତ କରାଯାଇଛି । ଅନୁଗୋଳ ଜିଲ୍ଲାରୁ ନେହେରୁ ଉଚ୍ଚ ବିଦ୍ୟାଳୟ,ଗଡସନ୍ତ୍ରୀ ଓ ଡେରା କଲିୟାରୀ ଉଚ୍ଚ ବିଦ୍ୟାଳୟକୁ ଏହି ପ୍ରଦର୍ଶନୀ ପାଇଁ ମନୋନୀତ କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ । ବହୁକାଳରୁ ବିଜ୍ଞାନ ପ୍ରଚଳିତ ହୋଇ ଆସୁଛି । ରାମାୟଣରେ ସୀତାଂକୁ ରାବଣ ଅପହରଣ କରି ସାତ ସମୁଦ୍ର ଉପରେ ପୁଷ୍ପକ ବିମାନ ଯୋଗେ ଶ୍ରୀଲଙ୍କାକୁ ନେଇଥିଲା । ଏହି ପ୍ରସଂଗରେ ସେ ସମୟରେ ରାବଣ ଜଣେ ବୈଜ୍ଞାନିକ ଥିଲା ବୋଲି ଡା. ନାୟକ ପ୍ରକାଶ କରିଥିଲେ । ଅପରାହ୍ନରେ ପ୍ରକଳ୍ପରେ ଭାଗ ନେଇଥିବା ଛାତ୍ର ଛାତ୍ରୀ ଓ ଗାଇଡ୍ ଶିକ୍ଷକମାନେ ନାଲ୍କୋ ପରିଦର୍ଶନ କରିଥିଲେ । ଏହି ଉପଲକ୍ଷେ ମନ୍ତ୍ରୀ ବିଜ୍ଞାନ ଶିକ୍ଷା ଉପରେ ଆଧାରିତ ପତ୍ରିକା 'ଆର୍ଯ୍ୟଭଟ'କୁ ଉନ୍ମୋଚନ କରିବା ସହ ଶ୍ରେଷ୍ଠ ପ୍ରକଳ୍ପ ପ୍ରଦର୍ଶନ କରିଥିବା ପିଲାମାନଂକୁ ପୁରସ୍କୃତ କରିଥିଲେ । ଏହି ପ୍ରଦର୍ଶନୀରେ ଏକ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ମାଧ୍ୟମରେ ପିଲାମାନଂକୁ ବିଜ୍ଞାନ ସମ୍ପର୍କୀତ ଜ୍ଞାନ ସମ୍ପର୍କରେ ସଚେତନ କରାଯାଇଥିଲା । ଶେଷରେ ସମଗ୍ର ଶିକ୍ଷା ବିଭାଗର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ନିରଂଜନ ସାହୁ ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଶ୍ରୀ କୁଳମଣୀ ମେହେର ଓ ଶିକ୍ଷୟିତ୍ରୀ ଗୁଣ୍ଡିଚାରାଣୀ ଖୁଣ୍ଟିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଂକ ମଧ୍ୟରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସ୍ମିତା ନନ୍ଦ , ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ କେଦାର ନାଥ ବେହେରାଂକ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ,ଗାଇଡ୍ ଶିକ୍ଷକ ଓ ପ୍ରକଳ୍ପରେ ଭାଗ ନେଇଥିବା ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ ।


୪୭ ତମ ରାଜ୍ୟ ସ୍ତରୀୟ


ढेंकनाल विज्ञान केन्द्र
(राष्ट्रीय विज्ञान संग्रहालय परिषद
संस्कृति मंत्रालय, भारत सरकार)
राजवाटी के निकट,
भ्रमणशील
विज्ञान
प्रदर्शनी
MSE
I CAN TELL YOUR AGE
D.C. MOTOR
A.C. MOTOR
WB 03
7098


GUES